# ଆବାସ ଘର ଅପେକ୍ଷାରେ ୩ ଶହ ପରିବାର

ନବରଙ୍ଗପୁର,୨୪।୫(ବି.ପ୍ର.)

■ ୨ ବର୍ଷ ହେଲା ଆବେଦନ କରିଛନ୍ତି
■ ନବରଙ୍ଗପୁର ସହରରେ ୭୦୦ ଘର ଅଧାପନ୍ତରିଆ

ନବରଙ୍ଗପୁର ସହରର ବିଭିନ୍ନ ପୋଖରୀ ହୁଡ଼ାରେ ଲୋକେ ଭୂମିହୀନ ଭାବେ ଝୁମ୍ପୁଡି କରି ରହିଛନ୍ତି। ଏହା ସମେତ ଅନେକ ଗରିବ ପରିବାର ଚାଳଚପର ଓ କଚ୍ଚାଘରେ ରହୁଛନ୍ତି। ଅନେକ ଥିଲାବାଲା ଆବାସ ଘର ହାତେଇ ନେଇଗଲେ। ପ୍ରକୃତ ଯୋଗ୍ୟ ହିତାଧିକାରୀ ଆବେଦନ ପରେ ମଧ ଘର ଖଣ୍ଡେ ପାଇବାରୁ ବଞ୍ଚିତ ହେଉଛନ୍ତି। ୨ ବର୍ଷ ହେବ ଆବାସ ଯୋଜନାରେ ନୂଆ ଟାର୍ଗେଟ ଆସୁନାହିଁ। ନବରଙ୍ଗପୁର ସହରରେ ଆବାସ ଘର ଖଣ୍ଡେ ପାଇବା ପାଇଁ ଆବେଦନ କରି ଅପେକ୍ଷାରେ ରହିଛନ୍ତି ପ୍ରାୟ ୩ଶହ ପରିବାର।

ଆବାସ ଯୋଜନାରେ ୨୦୧୭ରୁ ୨୦୨୨ ମଧ୍ୟରେ ପ୍ରାୟ ୧୯୯୦ ହିତାଧିକାରୀ ଥିବାବେଳେ ୧୨ଶହ ହିତାଧିକାରୀ ଘର କାମ ଶେଷ କରିଛନ୍ତି। ବଳକା ପ୍ରାୟ ୭ଶହ ପରିବାର ଘର ସମ୍ପୂର୍ଣ୍ଣ କରିପାରିନାହାନ୍ତି। କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସହରାଞ୍ଚଳରେ ଘର କରିବାକୁ ୨ ଲକ୍ଷ ଟଙ୍କା ଦେଉଛନ୍ତି। ୪ ମାସରେ ଘର ସମ୍ପୂର୍ଣ୍ଣ କଲେ ଅତିରିକ୍ତ ୨୦ ହଜାର ଟଙ୍କା ଓ ୬ ମାସରେ ଘର ସମ୍ପୂର୍ଣ୍ଣ କଲେ ଅତିରିକ୍ତ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଦେବାର ବ୍ୟବସ୍ଥା ରହିଛି। ତେବେ ହିତାଧିକାରୀମାନେ ଅର୍ଥାଭାବରୁ ଘର ନିଜେ ନ କରି ଠିକାଦାରଙ୍କୁ କାମ କରିବାକୁ ଦେଉଥିବାରୁ ତାହା ସରିପାରୁ ନ ଥିବା ଜଣାପଡ଼ିଛି। ଫଳରେ ଏବେ ବି ସହରରେ ପ୍ରାୟ ୭ ଶହରୁ ଊର୍ଦ୍ଧ୍ୱ ଆବାସ ଘର ଅଧାପନ୍ତରିଆ ହୋଇ ରହିଛି। ୨ ବର୍ଷ ହେବ ନବରଙ୍ଗପୁର ସହରକୁ ଆବାସ ଯୋଜନାରେ କୌଣସି ଟାର୍ଗେଟ ଆସୁ ନ ଥିବାରୁ ଆବେଦନକାରୀଙ୍କ ସଂଖ୍ୟା ବଢ଼ିଚାଲିଛି। ଏବେ ବି ପ୍ରାୟ ୩ଶହ ପରିବାର ଆବେଦନକରି ଘର ଖଣ୍ଡେ ପାଇବା ପାଇଁ ଅପେକ୍ଷା କରିଛନ୍ତି। ସୂଚନାନୁଯାୟୀ ନବରଙ୍ଗପୁର ସହରକୁ ୨୦୧୬-୧୭ରେ ୨୩୦ଟି ଆବାସ ପାଇଁ ଟାର୍ଗେଟ ଆସିଥିଲା। ସେଥିରୁ ୧୯୭ ଜଣ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ୨୦୧୭-୧୮ରେ ପ୍ରଥମ ଓ ୨ୟ ପର୍ଯ୍ୟାୟରେ ପ୍ରାୟ ୩୫୦ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଟାର୍ଗେଟ ଆସିଥିଲା। ୨୦୧୭-୧୮ ଓ ୨୦୧୬-୧୭ରେ କାର୍ଯ୍ୟାଦେଶ ଦିଆଯାଇଥିବା ହିତାଧିକାରୀଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ଘର ସମ୍ପୂର୍ଣ୍ଣ କରିଥିଲେ। ତେବେ ୨୦୧୮-୧୯ରେ ୪ଟି ପର୍ଯ୍ୟାୟରେ ୭୯୧, ୨୦୧୯-୨୦ରେ ୩୪ ଟି, ୨୦୨୦-୨୧ରେ ୩ଟି ପର୍ଯ୍ୟାୟରେ ୩୮୫ଟି ଏପରି ଭାବେ ପ୍ରାୟ ୧୯୯୦ ହିତାଧିକାରୀଙ୍କୁ ଆବାସ ଯୋଜନାରେ କାର୍ଯ୍ୟାଦେଶ ଦିଆଯାଇଥିଲା। ପ୍ରାୟ ୧୨ଶହ ଘର ସମ୍ପୂର୍ଣ୍ଣ ହୋଇଥିବାବେଳେ ୭ଶହ ଘର ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଘର କାମ ସାରିବାକୁ ବାରମ୍ବାର ପୌର ପରିଷଦ ପକ୍ଷରୁ ହିତାଧିକାରୀଙ୍କ ସହ ଆଲୋଚନା କରିବା ସହ ନୋଟିସ ଦିଆଯାଉଥିଲେ ମଧ୍ୟ କାମ ସରିପାରୁନାହିଁ।

ଅନ୍ୟ ଦିଗରେ ନବରଙ୍ଗପୁର ସହରରେ ଜାଗା ମିଶନରେ ଜାଗା ସର୍ଭେ କରିବାକୁ ଆସିଥିବା ଟିମ୍ ୨୭ଟି ବସ୍ତିର ମୋଟ ପରିବାର ମଧ୍ୟରୁ ୧୫୪୭ ପରିବାରର ଜାଗା ଚିହ୍ନଟ କରିଥିଲେ। ତେବେ ସରକାରୀ ଜାଗାରେ ରହିଥିବା ୧୫ଟି ବସ୍ତିର ୧୧୭୬ ପରିବାରକୁ ଜାଗା ମିଶନରେ ଜମି ପଟ୍ଟା ପ୍ରଦାନ କରାଯାଇ ପ୍ରାୟ ଅଧିକାଂଶ ପରିବାରଙ୍କୁ ଆବାସ ପାଇଁ କାର୍ଯ୍ୟାଦେଶ ଦିଆସରିଛି। ବର୍ତ୍ତମାନ ଘରୋଇ ଓ ପୋଖରୀ ହିଡ଼ରେ ରହୁଥିବା ୧୨ ଟି ବସ୍ତିର ୪ଶହରୁ ଊର୍ଦ୍ଧ୍ୱ ପରିବାର ଜମି ପଟ୍ଟା ନ ଥିବାରୁ ଆବାସ ଯୋଜନାରେ ସାମିଲ ହୋଇପାରୁନାହାନ୍ତି। ସ୍ଥାନାନ୍ତରିତ ହେବାବେଳେ ପୁଣି ଆବାସ ଯୋଜନା ଆବଶ୍ୟକ ପଡ଼ିବ ବୋଲି ଉକ୍ତ ୪ଶହ ପରିବାର ପକ୍ଷରୁ କୁହାଯାଇଛି। ତେବେ ପୁଣି ଥରେ କେବେ ଆବାସ ଯୋଜନାରେ ନବରଙ୍ଗପୁର ସହରକୁ ଟାର୍ଗେଟ ଆସିବ ଆବେଦନକାରୀ ଆବାସ ପାଇବେ ତାହା ପ୍ରଶ୍ନ ସୃଷ୍ଟି କରୁଛି। ଏନେଇ ପୌରସଂସ୍ଥା ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠଙ୍କୁ ପଚାରିବାରୁ ୨ ବର୍ଷ ହେବ ଆବାସ ଯୋଜନାରେ ଘର ଆସିନାହିଁ। ୩ ଶହ ଆବାସ ପାଇଁ ପ୍ରସ୍ତାବ ଯାଇଛି। ଜିଲାକୁ ଟାର୍ଗେଟ ଆସିଲେ ସେଥିରୁ ନବରଙ୍ଗପୁର ପୌରସଂସ୍ଥାକୁ କେତେ ଟାର୍ଗେଟ ଦିଆଯିବ ତାହା ଜଣା ପଡ଼ିନାହିଁ।


ନବରଙ୍ଗପୁର ଜିଲା ଉମରକୋଟଠାରେ ଶିବବିବାହ ଅବସରରେ ବାବା ବୈଦ୍ୟନାଥଙ୍କ ବାଟବରଣୀ କରାଯାଉଛି।

## ସଂକ୍ଷେପରେ

### ଆଇଆଇସି, ଏସଆଇ ସ୍ତରରେ ବଦଳି

**କୋରାପୁଟ,୨୪।୫(ସ୍ୱ.ପ୍ର.):** କୋରାପୁଟ ଜିଲା ପୋଲିସ ଆଇଆଇସି ଓ ଏସ୍ଆଇସ୍ତରରେ ଅଦଳବଦଳ କରାଯାଇଥିବା ଜିଲା ପୋଲିସ ପକ୍ଷରୁ ଜାରି ହୋଇଥିବା ଚିଠି ନଂ ୧୧୬୧/୨୩-୫-୨୦୨୩ରୁ ଜଣାଯାଇଛି। କୋରାପୁଟ ଏସ୍ପି ଅଭିନବ ସୋନକାରଙ୍କ ଅଧକ୍ଷତାରେ ଏକ କମିଟିର ନିଷ୍ପତ୍ତି କ୍ରମେ ଉପରୋକ୍ତ ଚିଠି ପୋଲିସ ପକ୍ଷରୁ ଜାରି କରାଯାଇଛି। ଚିଠି ଅନୁଯାୟୀ ବୈପାରିଗୁଡା ଥାନାଧିକାରୀ ଅଶ୍ୱିନୀ ପଟ୍ଟନାୟକଙ୍କୁ ବିସିଂହପୁର ଥାନାକୁ ବଦଳି କରାଯାଇଛି। ଏସଆଇ ସମ୍ବିତ କୁମାର ସ୍ୱାଇଁଙ୍କୁ ବୈପାରିଗୁଡା ଥାନା ଓଆଇସି ଦାୟିତ୍ୱ ଦିଆଯାଇଛି। କାକିରିଗୁମ୍ମା ଭାରପ୍ରାପ୍ତ ଥାନାଧିକାରୀ ଦାମଦୋର ବିଷୋୟୀଙ୍କୁ ଜୟପୁର ଟାଉନ ଥାନାଧିକାରୀଭାବେ ବଦଳି କରାଯାଇଛି। ଜୟପୁର ଟାଉନ ଥାନାଧିକାରୀ ସମ୍ବିତ ବେହେରାଙ୍କୁ କୋରାପୁଟ ଡିସିଆର୍ବି ଦାୟିତ୍ୱ ଦିଆଯାଇଛି। ସେ ପୋଲିସ ମୁଖ୍ୟାଳୟର କ୍ରାଇମ ସେକ୍ସନକୁ ତୁଲାଇବେ। କୋଟିଆ ଥାନାର ଓଆଇସି ଭାବେ କରୁଥିବା ଏସଆଇ କପିଳେଶ୍ୱର ବେହେରାଙ୍କୁ ସାମୟିକଭାବେ କାକିରିଗୁମ୍ମା ଥାନାକୁ ବଦଳି କରାଯାଇଛି। ଏସ୍ଆଇ ସରୋଜ ମଲ୍ଲିକଙ୍କୁ କୋଟିଆ ଥାନା ଓଆଇସି ଭାବେ ବଦଳି କରାଯାଇଛି। ଇନ୍ସପେକ୍ଟର ଭବାନୀ ମୁଦୁଲିଙ୍କୁ ଡିସିଆରବିରୁ ସାଇବର ଥାନାକୁ ବଦଳି କରାଯାଇଛି।

### ଚୋରି ମାମଲାରେ ୩ ଗିରଫ

**ଜୟପୁର, ୨୪।୫ (ନି.ପ୍ର.):** ଏକ ଚୋରି ମାମଲାରେ ଜୟପୁର ଟାଉନ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋପବନ୍ଧୁନଗରର ଅନୀଲ ବାଘ (୨୮), ଭୂପତି ସାହିର ପି.ଭି. ସନ୍ତୋଷ ରାଜୁ ଓ ମିଲସାହିର ରାଜା ଚୌଧୁରୀ (୪୨)। ପୋଲିସ ସୂଚନାନୁଯାୟୀ ଜୟପୁର ମୁଖ୍ୟ ରାସ୍ତାରେ ଥିବା ଟେଲିଫୋନ ଭବନରୁ ବ୍ୟାଟେରି, କେବୁଲ ଆଦି ଚୋରି ହୋଇଥିଲା। ଏନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରି ଅଭିଯୁକ୍ତ ଅନୀଲ ଓ ପି.ଭି. ସନ୍ତୋଷଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ଚୋରି ସାମଗ୍ରୀ ମିଲ ସାହିର ରାଜା ଚୌଧୁରୀ (୪୨)ଙ୍କୁ ବିକ୍ରି କରିଥିଲେ। ପୋଲିସ ଚୋରି ସାମଗ୍ରୀ ଜବତ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିବା ଟାଉନ ପୋଲିସ ସୂଚନା ଦେଇଛି।

### ପିକ୍ଅପ୍ ଭ୍ୟାନ ଓଲଟି ୮ ମହିଳା ଗୁରୁତର

**ଉମରକୋଟ, ୨୪।୫(ସ୍ୱ.ପ୍ର.):** ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଧୀନ ଏକାମ୍ବା ଏବଂ ଅଞ୍ଚଳା ଗ୍ରାମ ମଝିରେ ଏକ ପିକଅପ୍ ଭ୍ୟାନ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଗଛରେ ଧକ୍କାରୁ ୮ଜଣ ମହିଳା ଗୁରୁତର ଅଛନ୍ତି। ସେମାନେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସୂଚନାନୁଯାୟୀ, ଝରିଗାଁ ବ୍ଲକ ତେଲନଦୀ ପଞ୍ଚାୟତ ଅଧୀନ ବିଶ୍ରମପୁରିଆ ସାହି ଗ୍ରାମ ଏବଂ କଟିଆସାଇ ଗ୍ରାମର ପ୍ରାୟ ୩୦ଜଣ ଗାୟତ୍ରୀ ପରିବାର ମହିଳା ଏକ ପିକଅପ୍ ଭ୍ୟାନରେ ଉମରକୋଟକୁ ଶୀତଳ ଷଷ୍ଠୀ ପୂଜା ଦେଖିବାକୁ ଯାଇଥିଲେ। ଏକାମ୍ବା ଏବଂ ଅଞ୍ଚଳା ଗ୍ରାମ ମଝିରେ ଏକ ପିକଅପ୍ ଭ୍ୟାନ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଗାଡ଼ିରେ ଥିବା ପିଙ୍କି ସନ୍ତା,ଶୁଶିଳା ସନ୍ତା, ସୁନିତା ସନ୍ତା,ଚଞ୍ଚଳା ସନ୍ତା,ସଜନୀ ସନ୍ତା,ଭଗବତୀ ସନ୍ତା, ଲିମ୍ବେ ସନ୍ତା, ଯମୁନା ସନ୍ତା ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଉମରକୋଟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

### ୮ ପ୍ରକଳ୍ପ ଶୁଭାରମ୍ଭ

**ନନ୍ଦପୁର, ୨୪।୫ (ଡି.ଏନ୍.ଏ.):** ପଟାଙ୍ଗି ବିଧାୟକ ପିତମ ପାଢ଼ୀ ନନ୍ଦପୁର ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତ ଗସ୍ତକରି ୧କୋଟି ୮୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ମନ୍ଦିର ମସଜିଦ ଆଦି ଧାର୍ମିକ ଅନୁଷ୍ଠାନ ଓ ଦୁଇ ଶିକ୍ଷାନୁଷ୍ଠାନର ଉନ୍ନତି ନିମନ୍ତେ ୮ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ନନ୍ଦପୁର ବ୍ଲକ ସଦର ଗଣେଶ ମନ୍ଦିର, ସିନ୍ଧେଦେବି ସ୍ନାତକ ମହାବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ, ଥୁବା ଓ ପାତ୍ରପଣ୍ଡି ଗ୍ରାମର ମସଜିଦ, ଗୁମାଗୁଡା ବଡଦେବତା ମନ୍ଦିର, ବୁଦ୍ଧଦେବ ମନ୍ଦିର, ରାଧାକୃଷ୍ଣ ଉଚ୍ଚ ମାଧମିକ ବିଦ୍ୟାଳୟର ଶ୍ରେଣୀଗୃହ ଓ ବାଇଲିଗୁଡା ଅଲେଖ ମହିମା ମନ୍ଦିର ଶିଳାନ୍ୟାସ କରାଯାଇଛି। ଏହି ସମୟରେ ବିଡିଓ ସୁଜିତ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଜସକେତନ ବେହେରା, ବ୍ଲକ ଅଧକ୍ଷା ସାବିତ୍ରୀ କାର୍ତ୍ତୁଲ, ଉପାଧକ୍ଷ ଗୋପାଳ ହନ୍ତାଳ, ଏସଡିସି ଉପାଧକ୍ଷା ଲକ୍ଷ୍ମୀ ହନ୍ତାଳ, ଜିଲା ପରିଷଦ ସଦସ୍ୟ, ସରପଞ୍ଚ, ଅଧକ୍ଷ ଅମର ମହାପାତ୍ର, ଅର୍ଜୁନ ଚିନତୁହା, ବ୍ଲକ ବିଜେଡି ସଭାପତି କାଶୀନାଥ ଗୋଲାରୀ, ପୂର୍ବତନ ବ୍ଲକ ଅଧକ୍ଷ ଗୋପାଳକୃଷ୍ଣ ବେବର୍ତ୍ତା ଉପସ୍ଥିତ ଥିଲେ।

# ହୁଇଲ ଚେୟାର ଅଚଳ, ରୋଗୀଙ୍କୁ ଟେକିଟେକି ନେଲେ ପରିବାର ଲୋକେ


ଅଚଳ ହୋଇ ପଡ଼ିଥିବା ଷ୍ଟ୍ରେଚର, ହୁଇଲ୍ ଚେୟାର।

କୋରାପୁଟ,୨୪।୫(ସ୍ୱ.ପ୍ର.)

■ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ
■ ଅଚଳ ହୋଇ ପଡ଼ି ରହିଛି ହୁଇଲଚେୟାର, ଷ୍ଟ୍ରେଚର

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଘୋର ଅବ୍ୟବସ୍ଥା। ରୋଗୀମାନଙ୍କୁ ନେବା ଆଣିବା ଉଦ୍ଦେଶ୍ୟରେ ଥିବା ଅଧିକାଂଶ ହୁଇଲ ଚେୟାର ଅଚଳ ହୋଇ ପଡିଥିବାବେଳେ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରୋଗୀଙ୍କୁ ତାଙ୍କ ସମ୍ପର୍କୀୟ ଟେକିଟେକି ନେଉଥିବା ଦୃଶ୍ୟ ବୁଧବାର ଦେଖିବାକୁ ମିଳିଛି।

ବୁଧବାର ୨ ଜଣ ରୋଗୀଙ୍କୁ ତାଙ୍କ ସମ୍ପର୍କୀୟମାନେ ହୁଇଲ ଚେୟାର ଯୋଗେ ହସ୍ପିଟାଲ ଭିତରକୁ ନେବାକୁ ଚାହିଁଥିଲେ। କିନ୍ତୁ ହୁଇଲ ଚେୟାର ଚକ ଖରାପ ଥିବାରୁ ନେଇ ପାରି ନ ଥିଲେ। ବାଧ ହୋଇ ରୋଗୀଙ୍କ ଜଣେ ସମ୍ପର୍କୀୟ ତାଙ୍କୁ ଟେକିଟେକି ନେଇଥିଲେ। ସେହିଭଳି ହସ୍ପିଟାଲ ମୁଖ୍ୟ ଫାଟକ ନିକଟରେ ଅନେକ ଖରାପ ହୋଇଥିବା ହୁଇଲ ଚେୟାର ଓ ଷ୍ଟ୍ରେଚର ପଡ଼ି ରହୁଥିବା ଦେଖିବାକୁ ମିଳେ। ହୁଇଲ ଚେୟାର ଓ ଷ୍ଟ୍ରେଚର କାହିଁକି ମରାମତି କରାଯାଉନାହିଁ ତାହାକୁ ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଅଚଳ ଷ୍ଟ୍ରେଚର ଓ ହୁଇଲ୍ ଚେୟାର ତୁରନ୍ତ ମରାମତି କରିବାକୁ ରୋଗୀ ଓ ତାଙ୍କ ସମ୍ପର୍କୀୟ ଦାବି କରିଛନ୍ତି। ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଏହି ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି।

## କଲଭର୍ଟ ତଳକୁ ଖସିଲା ବସ

ଲକ୍ଷ୍ମୀପୁର/ଦାମନଯୋଡ଼ି,୨୪।୫(ଡି.ଏନ୍.ଏ.)

ଲକ୍ଷ୍ମୀପୁର ବ୍ଲକ ଭିତରଗଡ଼ ପଞ୍ଚାୟତ ବାରିଗୁଡ଼ା ନିକଟ କଲଭର୍ଟ ତଳକୁ ଏକ ଘରୋଇ ବୋଷ ସନ୍ଧ୍ୟା ୬ଟାରେ ଭାରସାମ୍ୟ ହରାଇ ଖସି ପଡ଼ିଛି। ବସ୍ରେ ଥିବା ଯାତ୍ରୀମାନେ ସାମାନ୍ୟ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଯାତ୍ରୀଙ୍କୁ ଉଦ୍ଧାର କରିଛନ୍ତି। ଶ୍ରୀ ରଘୁନାଥ ନାମକ ବସ୍ଟି ଟି ଜୟପୁରରୁ ଭାୟା ଦାମନଯୋଡି ଦେଇ ବଡ଼ମ୍ବା ଯାଉଥିଲା। ବାରିଗୁରା ନିକଟ ଏକ ନାଳ କଡ଼କୁ ବସ୍ଟି ଖସିପଡ଼ିଥିଲା। ଉକ୍ତ ସ୍ଥାନଟି ବୁଲାଣିଆ ହେତୁ ଦ୍ରୁତ ଗତିରେ ଯାଉଥିବା ହେତୁ ଭାରସାମ୍ୟ ହରାଇ ତାହା ବ୍ରିଜ ତଳକୁ ଖସିପଡିଥିଲା। ବସରେ ୩୦ଜଣ ଯାତ୍ରୀ ବସିଥିଲେ। କାକାରିଗୁମ୍ମା ପୋଲିସ ଘଟଣାର ତଦନ୍ତ କରୁଛନ୍ତି।

## ୟୁରିଆ ଖାଇ ୪ ଛେଳି ମୃତ

ଝରିଗା,୨୪।୫(ସ୍ୱ.ପ୍ର.)

ଝରିଗାଁ ବ୍ଲକ ମଳାଙ୍ଗପଡା ଗ୍ରାମରେ ଦୁଇ ଚାଷୀଙ୍କ ୪ ଛେଳି ୟୁରିଆ ସାର ଖାଇଦେବାରୁ ମୃତ୍ୟୁ ହୋଇଛି। ଚକ୍ର ଧରୁଆ ଏବଂ ଦୁର୍ଯ୍ୟୋଧନ ମାଝି ୮ଟି ଛେଳି ନେଇ ଚରାଇବାକୁ ଯାଇଥିଲେ। ଏହି ସମୟରେ ଦେଶୀ ମଦ ତିଆରି ପାଇଁ ସେଠାରେ ମହୁଲ ଫୁଲ ଏବଂ ୟୁରିଆ ସାର ରଖାଯାଇଥିଲା। ଛେଳିଗୁଡ଼ିକ ତାହାକୁ ଖାଇ ଦେଇଥିଲେ। ଘଟଣାସ୍ଥଳରେ ୪ ଛେଳିଙ୍କର ମୃତ୍ୟୁ ହୋଇଛି। ଅନ୍ୟ ଛେଳିଙ୍କୁ ଔଷଧ ଦିଆଯିବାରୁ ସେମାନେ ସୁସ୍ଥ ଅଛନ୍ତି। ଚାଷୀମାନେ କ୍ଷତି ପୂରଣ ଦାବି କରିଛନ୍ତି। ଦେଶୀମଦ ରାନ୍ଧିବାକୁ ସାର ରଖିଥିବା ବ୍ୟକ୍ତିଙ୍କ ବିରୋଧରେ ଚାଷୀ ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ୧୨ ପ୍ରକଳ୍ପ ଶିଳାନ୍ୟାସ କଲେ ଏମ୍ପି, ବିଧାୟକ



ନବରଙ୍ଗପୁର,୨୪।୫(ବି.ପ୍ର.)

ନବରଙ୍ଗପୁର ପୌରପାଳିକାରେ ନିର୍ମାଣ ହେବାକୁ ଥିବା ୧୨ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ଏମ୍ପି ରମେଶ ମାଝି ଓ ବିଧାୟକ ସଦାଶିବ ପ୍ରଧାନୀ। ଏହି ପ୍ରକଳ୍ପଗୁଡିକେ ଏମ୍ପିଙ୍କ ପାଣ୍ଠିରୁ ନିର୍ମାଣ ହେବ। ଜେଇଏଲ୍ସିର ପାଚେରି ଓ କମ୍ୟୁନିଟି କେନ୍ଦ୍ର, ରାଧାକୃଷ୍ଣ କମ୍ୟୁନିଟି କେନ୍ଦ୍ର, ୱାର୍ଡ ନଂ ୭, ୮, ୯, ୧୦, ୧୨ ଓ ୧୩ରେ କମ୍ୟୁନିଟି କେନ୍ଦ୍ର, ଗାଦବାଗୁଡା କ୍ଲବ ଘର, ମାଉସୀମା କମ୍ୟୁନିଟି କେନ୍ଦ୍ର ଆଦି ପ୍ରକଳ୍ପ ରହିଛି। ଏହି ଉଦ୍ଘାଟନ ବେଳେ ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ପୌରାଧକ୍ଷ କୁନୁନାୟକ, ଉପାଧକ୍ଷା ସୌମ୍ୟା ମହାପାତ୍ର, ବିଜେଡି ମହିଳା ସଭାନେତ୍ରୀ ମଞ୍ଜୁଳା ମାଝି, ଅବିଭକ୍ତ କୋରାପୁଟ ଜୋନ୍ ଯୁବ ବିଜେଡି ସଭାପତି ତାପସ ତ୍ରିପାଠୀ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଡିଲୁ ପଣ୍ଡା, ନଗର ସଭାପତି ପ୍ରମୋଦ ରଥ, ଯୁବ ସଭାପତି ସୂର୍ଯ୍ୟକାନ୍ତ ଲେଙ୍କା, ରବି ପଟ୍ଟନାୟକ, ପୂର୍ଣ୍ଣ ମହାପାତ୍ର, ନଗେନ୍ଦ୍ର ପଟ୍ଟନାୟକ, ପି. କେଶବ ରାଜୁ, ରଞ୍ଜିତା ପଣ୍ଡା, ପି. ଉଷାରାଣୀ, ଲାଲୁ ତ୍ରିପାଠୀ, ନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଗାଁ ଉଜାଡ଼ି ଦେଲା କାଳବୈଶାଖୀ

ନାରାୟଣପାଟଣା,୨୪।୫(ଡି.ଏନ୍.ଏ.)


କାଳବୈଶାଖୀ ପ୍ରଭାବରେ ଘର ଛପର ଉଡ଼ିଛି।

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ସମେତ ବିଭିନ୍ନ ସ୍ଥାନରେ କାଳବୈଶାଖୀର ଫଳରେ ଲଙ୍ଗଲବେଡା ପଞ୍ଚାୟତ ଅଧୀନ କାଙ୍କଣପୁଟ ଗାଁରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଗାଁ ର ସମସ୍ତ ଘର ଛପର ଆଜବେଷ୍ଟ ଉଡ଼ିଯାଇଛି। କେତେଜଣଙ୍କ ଘର ଉପରେ ଗଛ ପଡ଼ି ଭାଙ୍ଗି ଯାଇଛି। ଏଥିସହ ପ୍ରବଳ ବର୍ଷା ହେତୁ ଘରର ଆସବାବପତ୍ର, ରୋଷେଇ ସାମଗ୍ରୀ ନଷ୍ଟ ହୋଇଯାଇଛି। ଗ୍ରାମର ଶ୍ରୀନୁ ସିଦାରାପୁ, କୋଣ୍ଡାତାମରା ଲାଛନା, ସାମ୍ବା ନାଚିକା, ନାଗା କୋଣ୍ଡାଗୋରୀ, ରମେଶ ସିଦାରାପୁ, ତାଉଡୁ ସିଦାରାପୁ, ରାଜେନ୍ଦ୍ର ମିଣିଆକା, ଭୀମା କେଣ୍ଟୁକା, ଚେନ୍ଦ୍ରେୟା କୋଣ୍ଡାତାମରା, ବିଙ୍ଗୁ ତାଡିଙ୍ଗି, କୋଟେ କୋଣ୍ଡା ତାମରା, ସମ୍ମୁରୁ କୋଣ୍ଡାତାମରାଙ୍କ ୧୨ ଘର ଭାଙ୍ଗି ଯାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ କୌଣସି ସରକାରୀ ଅଧିକାରୀ ଗାଁରେ ପହଞ୍ଚି ନାହାନ୍ତି। ପୂର୍ବତନ ବ୍ଲକ ଉପାଧକ୍ଷ ରାମ କୁମାର ଜାନୀ, ସରପଞ୍ଚ ପ୍ରମୁଖ ଗାଁରେ ପହଞ୍ଚି କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା କରି ସୁରକ୍ଷିତ ସ୍ଥାନକୁ ନେଇ ରାତ୍ରୀ ଭୋଜନ ବ୍ୟବସ୍ଥା କରିଛନ୍ତି। କିଛି ସ୍ଥାନରେ କାଳବୈଶାଖୀ ଯୋଗୁ ବଡ଼ବଡ଼ ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି। ତେନ୍ତୁଳିପଦର ପଞ୍ଚାୟତର ଡୁମୁରୀପଦର ରାସ୍ତାରେ ବିରାଟ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିବା ସରପଞ୍ଚ ରବି ମାଣ୍ଡିଙ୍ଗି କହିଛନ୍ତି। ଏଥିସହ ତାର ଛିଡ଼ିବାରୁ ବିଦ୍ୟୁତ୍ ସେବା ବାଧା ପାଇଛି। ବୋରିଗୀ ପଞ୍ଚାୟତ ନାଳପଦର ଗ୍ରାମର ଘାସି ନାଚିକା (୨୬)ଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି। ଅପରାହ୍ନରୁ ସନ୍ଧ୍ୟା ସୁଦ୍ଧା ପ୍ରବଳ ବର୍ଷା ପବନ ହେତୁ ନାରାୟଣପାଟଣା ସଦରରେ ବିଜୁଳି ଟେଲି ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି।

# ଚଚାରାଗୁଡା ଗ୍ରାମରେ ମାଁ ଠାକୁରାଣୀ ଯାତ୍ରା ଶେଷ

ଡାବୁଗାଁ, ୨୪।୫ (ଡି.ଏନ୍.ଏ.)


ଯାତ୍ରା ପଡ଼ିଆରେ ଶ୍ରଦ୍ଧାଳୁଙ୍କ ଭିଡ଼।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଚଚରାଗୁଡା ଗ୍ରାମରେ ମାଁ ଠାକୁରାଣୀ ଯାତ୍ରା ଶେଷ ହୋଇଛି। ଏହି ଅବସରରେ ତୁଳା ପୁଝାରୀଙ୍କ ଦ୍ୱାରା ମା ଠାକୁରାଣୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାମର ଦେବାଦେବୀଙ୍କ ପ୍ରତୀକ ଲାଠି, କୁର୍ଚ୍ଚି ମା ଠାକୁରାଣୀ ମଣ୍ଡପରେ ପୂଜା କରାଯିବା ପରେ ଗାଁ ପରିକ୍ରମା କରାଯାଇଛି। ପରିକ୍ରମା ସରିବା ପରେ ମା ଠାକୁରାଣୀ ମଣ୍ଡପକୁ ଫେରି ପୂଜା ପାଇଥିଲେ। ଭକ୍ତଙ୍କ ମନୋରଞ୍ଜନ ନିମନ୍ତେ ମାଲକାନଗିରିରୁ ଆସିଥିବା ନାଟ ଦଳ ନାଟକ ପ୍ରଦର୍ଶନ କରିଥିଲେ। କମିଟିର କର୍ମକର୍ତ୍ତା ଧର୍ମାନନ୍ଦ ନାୟକ, ତ୍ରିନାଥ,ରାମ, ନରେନ୍ଦ୍ର, ଆଶାରାମ, ତାନ୍ତ୍ରୀ ପାଲ, ପବିତ୍ର, ବନ୍ଧୁ, ପ୍ରଫୁଲ୍ଲ, ଟୁଟୁ, ତୋଫାନ, କୃଷ୍ଣ, ମଧୁ, ଯୋଗେଶ ଓ ଗ୍ରାମବାସୀଙ୍କ ସହଯୋଗରେ ଯାତ୍ରା ସରସ ସୁନ୍ଦର ହୋଇଥିଲା। ଏହାପରେ ଦେବା ଦେବୀଙ୍କ ପ୍ରତୀକ ଲାଠି, କୁଛ ଯଥାରୀତି ସମ୍ମାନର ସହିତ ପ୍ରତ୍ୟାବର୍ତ୍ତନ କରିଥିଲେ।

# ଦାୟିତ୍ୱ ନେଲେ ଦକ୍ଷିଣପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମୀନା

କୋରାପୁଟ,୨୪।୫ (ସ୍ୱ.ପ୍ର.)



ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଭାବେ ବୁଧବାର ବରିଷ୍ଠ ଆଇପିଏସ୍ ଅଫିସର ଚରଣ ସିଂ ମୀନା ଦାୟିତ୍ୱ ଗ୍ରହଣ କରିଛନ୍ତି। କୋରାପୁଟସ୍ଥିତ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପୂର୍ବତନ ଡିଆଇଜି ରାଜେଶ ପଣ୍ଡିତ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଅଧୀନରେ ଥିବା ୮ ଟି ଜିଲାରେ ଶାନ୍ତିଶୃଙ୍ଖଳା ରକ୍ଷା, ସେଗୁଡ଼ିକୁ ମାଓବାଦୀମୁକ୍ତ ଅଞ୍ଚଳ, ମହିଳାଙ୍କ ସୁରକ୍ଷା ଓ ଗଞ୍ଜେଇ ଚାଲାଣ ରୋକିବା ସହ ଗଞ୍ଜେଇ ବେପାରୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବେ ବୋଲି ନୂତନ ଡିଆଇଜି କହିଛନ୍ତି।

# ବଳକା କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ


ବୈଠକରେ ଲୋକ ପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ।

ଦଶମନ୍ତପୁର, ୨୪।୫(ଡି.ଏନ୍.ଏ .)

**ଦଶମନ୍ତପୁର ପଞ୍ଚାୟତ ସମିତି ବୈଠକ**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସ୍ଥିତ ନୂତନ ସମ୍ମିଳନୀ କକ୍ଷରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଡମ୍ବରୁଧର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ଅରୁଣ କୁମାର ଚେଟି, ଏମ୍ପିଙ୍କ ପ୍ରତିନିଧି ରାଜେନ୍ଦ୍ର ହୁଇକା, ଜୋନ୍ ୧ ଓ ଜୋନ୍ ୨ ଜିଲା ପରିଷଦ ସଭ୍ୟାସଭ୍ୟ, ସହକାରୀ ଯନ୍ତ୍ରୀ ଅଭିଷେକ ଷଡ଼ଙ୍ଗୀ, କନିଷ୍ଠ ଯନ୍ତ୍ରୀ ବିସ୍ମିତା ନାୟକ, ରଶ୍ମିତା ରାଉତ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପାର୍ଥସାରଥି ପଣ୍ଡା, ବିପିଏମ୍ ଶ୍ରୀକାନ୍ତ ଦାଶଙ୍କ ସମେତ ୧୬ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ପ୍ରତ୍ୟେକ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପାଇଁ ରାସ୍ତା, ପାନୀୟ ଜଳ ବ୍ୟବସ୍ଥା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ସେହିପରି ଅଟକି ରହିଥିବା କାର୍ଯ୍ୟଗୁଡିକୁ ଶୀଘ୍ର ତ୍ୱରାନ୍ୱିତ କରିବା, ୧୬ ପଞ୍ଚାୟତରେ ଥିବା ପ୍ରତ୍ୟେକ ଗ୍ରାମରେ ମୌଳିକ ସୁବିଧା ପହଞ୍ଚାଇବା ସହ ସେଠାରେ ଥିବା ସମସ୍ୟା ସମାଧାନ କରିବାକୁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିଛି ଗ୍ରାମାଞ୍ଚଳର ସମସ୍ୟା ନେଇ ବୈଠକରେ ସାମାନ୍ୟ ଉତ୍ତେଜନା ଦେଖାଦେଇଥିଲା।

# ବରଯାତ୍ରୀଙ୍କ ସହ ଯାଇ ଉମାଙ୍କୁ ବିବାହକଲେ ମହେଶ୍ୱର

ଜୟପୁର,୨୪।୫(ନି.ପ୍ର.)



■ ଶିବ ବିବାହ ନେଇ ସହର ଉତ୍ସବମୁଖର
■ ବାଜା, ଶଙ୍ଖ, ହୁଳହୁଳିରେ ସୃଷ୍ଟି ହେଉଛି ଆଧ୍ୟାତ୍ମିକ ପରିବେଶ

ମହାଦେବ ଶିବ ଓ ମା ପାର୍ବତୀଙ୍କ ବିବାହ ଧୁମଧାମରେ କରାଯାଇଛି। ଏହି ଅବସରରେ କୋରାପୁଟ ଓ ନବରଙ୍ଗପୁର ଜିଲାର ବିଭିନ୍ନ ସହର ଉତ୍ସବମୁଖର ହୋଇଉଠିଥିଲା। ବାଜା ଶଙ୍ଖ ଓ ହୁଳହୁଳି ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ଚାରିଆଡେ ଆଧ୍ୟାତ୍ମିକତା ବାତାବରଣ ସୃଷ୍ଟି ହୋଇଥିଲା।

କୋରାପୁଟ ଜିଲା ଜୟପୁର ରାଜୁସାହି ପଞ୍ଚାନନ ଶୈବପୀଠ, ଅଷ୍ଟଶମ୍ଭୁ କ୍ଷେତ୍ରରେ ଶିବ ବିବାହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ପରମ୍ପରା ଅନୁସାରେ ପ୍ରଥମେ ମଙ୍ଗଳନ ଓ ପଞ୍ଚଦେବତା ପୂଜା କରାଯାଇଥିଲା। ପରେ ଗୋଧୂଳି ଲଗ୍ନରେ ବିବାହ କାଯ୍ୟ ସମ୍ପନ୍ନ ହୋଇଥିଲା। ଏଥିରେ ବର ପିତାଭାବେ ଶ୍ରୀକାନ୍ତ ପାତ୍ର ଓ ବର ମାତାଭାବେ ଜିନିଆ ରାଣୀ ମହାକୁଡ, କନ୍ୟା ପିତାଭାବେ ଅଜୟ କୁମାର ମିଶ୍ର ଓ କନ୍ୟା ମାତାଭାବେ ମଞ୍ଜୁରାଣୀ ଦାସ ଉପସ୍ଥିତ ରହି ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ପ୍ରଥମେ ଶିବଙ୍କୁ ବାବା ବୈଦ୍ୟନାଥ ମନ୍ଦିରରୁ ବିରାଟ ପଟୁଆରରେ ବରଯାତ୍ରୀ ଶୋଭାଯାତ୍ରାରେ ବାହାରକରି କୁଞ୍ଜବିହାରୀ ମନ୍ଦିରକୁ ଆଣିଥିଲେ। ସେଠାରୁ ମନ୍ଦିରକୁ ନିଆଯାଇ ସେଠାରେ ଶିବଙ୍କ ବାଟବରଣ କରାଯାଇଥିଲା। ବାଟବରଣ କରାଯିବା ପରେ ବିବାହ ବେଦିକୁ ନିଆଯାଇ ବିବାହ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବାଜା, ଶଙ୍ଖ , ହୁଳହୁଳିରେ ମନ୍ଦିର ମୁଖରିତ ହୋଇପଡ଼ିଥିଲା। ପଞ୍ଚାନନ ଶୈବପୀଠରେ ମଙ୍ଗଳବାର ମଙ୍ଗଳକୃତ୍ୟ ଅନୁଷ୍ଠିତ ହୋଇଥିବାବେଳେ ବୁଧବାର ଶିବ ବିବାହ ଓ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ରୁଦ୍ରାଭିଷେକ କରାଯାଇଛି। ଗୁରୁବାର ଶୀତଳଷଷ୍ଠୀ ଓ ବିଶ୍ୱଶାନ୍ତି, ଘୃତଯଜ୍ଞ କରାଯିବ। ପରେ ସନ୍ଧ୍ୟା ୭ଟାରେ ପଞ୍ଚାନନ ମନ୍ଦିରରୁ ହଟକେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଉମା ମହେଶ୍ୱରଙ୍କର ନଗର ପରିକ୍ରମା କରାଯିବ। ଏହି କାର୍ଯ୍ୟକ୍ରମରେ ପୂଜା କମିଟିର ସଦସ୍ୟଙ୍କ ସହ ମନ୍ଦିରର ମୁଖ୍ୟ ପୂଜକ ହରି ତ୍ରିପାଠୀ ଓ ଅଞ୍ଚଳବାସୀ ସହଯୋଗ କରିଥିଲେ। କମିଟିର ନବକୃଷ୍ଣ ରଥ, ଭାରତ ପଟ୍ଟନାୟକ, ଜଗନ୍ନାଥ ମିଶ୍ର ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି ସହରର ପୁରୁଣାଗଡ଼ ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର, ମହାତ୍ମା ଗାନ୍ଧୀରୋଡ୍ ସ୍ଥିତ ହଟକେଶ୍ୱର ମନ୍ଦିରରେ ମଧ୍ୟ ଶିବ ବିବାହ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରଗୁଡ଼ିକରେ ବିବାହ ସମୟରେ ଭକ୍ତ ଉପସ୍ଥିତ ରହିଥିଲେ। ଦେବୋତ୍ତର ବିଭାଗ ପକ୍ଷରୁ ମଧ୍ୟ ମନ୍ଦିରରେ ସବୁ ବ୍ୟବସ୍ଥା କରାଯାଇଥିଲା।

